# ଭତ୍ତା ଅପେକ୍ଷାରେ ୨୨୬୫ ଦୁଃସ୍ଥ କଳାକାର

ଭୋଗରାଇ, ୨୮।୧୨ (ସମିସ)




ବାଲେଶ୍ୱର ଜିଲ୍ଲାର ୧୦୯୧ ଜଣଙ୍କୁ ସରକାର କଳାକାର ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ୨,୨୬୫ କଳାକାର ୨୦୨୧ ମସିହାରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରୁ ବଞ୍ଚିତ ରହି ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଏହି ତାଲିକାରେ ଭୋଗରାଇ ବ୍ଲକରୁ ସର୍ବାଧିକ ୬୫୮ କଳାକାର ଭତ୍ତା ପାଇଁ ଅପେକ୍ଷାରେ ରହିଛନ୍ତି। ପୁଣି ଏହା ଭିତରେ ଆହୁରି ଅନେକ ନୂଆ କଳାକାର ଭତ୍ତା ପାଇବାକୁ ଆବେଦନ କରିଛନ୍ତି। ହେଲେ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ଭୋଗରାଇ ବ୍ଲକ୍ ଶଙ୍ଖାରୀ ପ୍ରଥମିକ ବିଦ୍ୟାଳୟ ପରିସରରେ ଶଙ୍ଖାରୀ ପଞ୍ଚାୟତର ପ୍ରମୁଖ କଳାକାର ଗଣେଶ ଜେନା ଓ ଚୈତନ୍ୟ ମଣ୍ଡଳଙ୍କ ନେତୃତ୍ୱରେ ଅନୁଷ୍ଠିତ କଳାକାର ସଂଘର ସମ୍ମିଳନୀରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା କଳାକାର ରାଧା ବିନୋଦ ଦାସ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା କଳାକାର ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ କଳାକାର ସଂଘର ମୁଖ୍ୟ ଉପଦେଷ୍ଟା ଭୁବନ ଚନ୍ଦ୍ର ପାତ୍ର, ବ୍ଲକ୍ ସମ୍ପାଦକ ବିଷ୍ଣୁପଦ ପଟ୍ଟନାୟକ, ସହ ସମ୍ପାଦକ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇ କଳାକାରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘର ୫ ଦଫା ଦାବି ନେଇ ଜିଲ୍ଲା ସଂଘର ସଭାପତି ତଥା ପ୍ରଖ୍ୟାତ ଯାତ୍ରା ଅଭିନେତା ଗୌରାଙ୍ଗ ଚରଣ ଦାସ, ସମ୍ପାଦକ ପ୍ରଫୁଲ୍ଲ ଘୋଷ, ସାଂସ୍କୃତିକ ସମ୍ପାଦକ ରାଧାକୃଷ୍ଣ ଗିରି ପ୍ରମୁଖଙ୍କ ନେତୃତ୍ୱରେ ଆସନ୍ତା ୬ତାରିଖରେ ଭୋଗରାଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସମସ୍ତ କଳାକାର ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା।

**୬ ତାରିଖ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ**

# ଦୁର୍ଘଟଣାରେ ଯୁବକ ମୃତ, ରାସ୍ତାରୋକ



ଜଳେଶ୍ୱର, ୨୮।୧୨(ସମିସ) : ୫୭ ନମ୍ବର ରାଜ୍ୟ ରାଜପଥର ଡେମୁରିଆ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ହେଲେ ଜଳେଶ୍ୱର ଥାନା ବଣିଦା ଗ୍ରାମର ବିପିନ ମଣ୍ଡଳଙ୍କ ପୁଅ ହରିଶ୍ଚନ୍ଦ୍ର ମଣ୍ଡଳ। ସେ ଚନ୍ଦନେଶ୍ୱର ପଟୁ ସ୍କୁଟିରେ ଆସୁଥିଲା ବେଳେ ଡେମୁରିଆ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ରାସ୍ତାରେ ଶବ ରଖି କ୍ଷତି ପୂରଣ ଦାବି କରିଥିଲେ। ଦୀର୍ଘ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଖବର ପାଇ ଜଳେଶ୍ୱର ଥାନା ଆଇଆଇସି ଅଶୋକ ବାରିକ, ନାମ୍ପୋ ରାଜସ୍ୱ ନିରୀକ୍ଷକ ରଞ୍ଜନ ପାଣି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲାପରେ ପରିସ୍ଥିତି ଶାନ୍ତ ପଡିଥିଲା। ମୃତ ହରିଶ୍ଚନ୍ଦ୍ର ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଉତ୍ସବ ଦେଖିଯାଇଥିବାବେଳେ ଘରୁ ଚୋରି

ସିମୁଳିଆ, ୨୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଆନନ୍ଦପୁର ପଞ୍ଚାୟତ ଅଜିପୁର ଗ୍ରାମର ପ୍ରହ୍ଲାଦ ଘଡେଇଙ୍କ ଘରୁ ଚୋରି ହୋଇଛି। ସମସ୍ତ ପରିବାର ଲୋକେ ନିକଟସ୍ଥ ମହମ୍ମଦପୁର୍ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଦେଖିବାକୁ ଯାଇଥିବା ବେଳେ ଘରେ କୌଣସି ପରିବାର ଲୋକ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଘର କବାଟ ଭାଙ୍ଗି ଦୁଇଟି ଗଦରେଜ ଭାଙ୍ଗି ସୁନା ଗହଣା ଚୋରି ହୋଇଥିବାର ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ଦୁଇ ବୋହୂଙ୍କ ସମସ୍ତ ସୁନା ଗହଣା ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଘର ମାଲିକ ପ୍ରହ୍ଲାଦ ଘଡ଼େଇ ସିମୁଳିଆ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ପହଞ୍ଚି ସମସ୍ତ ଘଟଣା ଦେଖିବା ସହ ସିମୁଳିଆ ଥାନାକୁ ସୂଚନା ଦେଇଥିଲେ।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପ୍ରସ୍ତୁତି ବୈଠକ



ଜଳେଶ୍ୱର,୨୮।୧୨(ସମିସ): ଗତବର୍ଷ ଭଳି ଏବର୍ଷ ମଧ୍ୟ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଆସନ୍ତା ମାର୍ଚ୍ଚ ୭ ତାରିଖରୁ ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ କୋଟସାହି ପଞ୍ଚାୟତ ସାନାରାଉତପଡ଼ା ନଦୀ ପଠାରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଆୟୋଜକ ବ୍ରଜ ମୋହନ ପ୍ରଧାନ ସୂଚନା ଦେଇଛନ୍ତି। ଏବର୍ଷ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ହେବା ସହ ବିଭିନ୍ନ ଆକର୍ଷଣୀୟ ଠାକୁର ମୂର୍ତ୍ତୀ ଶୋଭାମଣ୍ଡିତ କରିବ। ଏତଦ ବ୍ୟତୀତ ପଶ୍ଚିମବଙ୍ଗ ଚନ୍ଦନନଗରର ସୁନ୍ଦର ସାଜଶଯ୍ୟା ଓ ଆଲୋକୀକରଣ ଶୋଭାମଣ୍ଡିତ କରିବ। ବହୁ ନାମିଦାମୀ କଳାକାର, ଗୀତିକାର, ପ୍ରଶାସନିକ ଅଧିକାରୀ, ମନ୍ତ୍ରି, ବିଧାୟକ ଓ ରାଜନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦେଇଥିଲେ। ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ସାନ ରାଉତପଡ଼ା ଗ୍ରାମ୍ୟ ମୁଖ୍ୟ ବିଶ୍ୱନାଥ ଦାସ ମହାପାତ୍ର, କାଳିଚରଣ ଦାସ, ଡକ୍ଟର ଅକ୍ଷୟ କୁମାର ପରିଡ଼ା, ରମେଶ ଚନ୍ଦ୍ର ପରିଡ଼ା, ଭବଶଙ୍କର ଜେନା, ମନ୍ତୋଷ କାମିଲା, ନେତୁଆ ପୂର୍ବତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ଜେନା, ନନ୍ଦିତା ଦାସ, ଅତୁଲ କୁମାର ଦାସ, ସପନ କୁମାର ଦାସ, ତନ୍ମୟ ଚାନ୍ଦ, ନନ୍ଦିତା ଦାସ, ଶ୍ରୀହରୀ ବେହେରା ପ୍ରମୁଖ ମଞ୍ଚାସିନ ରହି ସୂଚନା ଦେବା ସହିତ ପ୍ରସ୍ତୁତି ବୈଠକରେ ଆଲୋଚନା କରିଥିଲେ। ଉକ୍ତ ପ୍ରସ୍ତୁତି ବୈଠକରେ ସମ୍ପତିଆ ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ନାମ୍ପୋ ସୁଧିର କୁମାର ଜେନା, ବର୍ତ୍ତନା ସମିତି ସଭ୍ୟ ତ୍ରିଲୋଚନ ଦାସ, ଦୀନକୃଷ୍ଣ କୁଣ୍ଡ, ଦିଲ୍ଲୀପ କୁମାର ଦେ, ଜୟକୃଷ୍ଣ ପାଲ, ଅବନୀ ସାହୁ, ଚନ୍ଦ୍ର ଶେଖର ଦାସ, ଉତ୍ତମ ଦାସ ମହାପାତ୍ର, ରଣଜିତ ପରିଡ଼ା, ମହେଶ୍ୱର ବଡୁ, ଅରୁଣ କୁମାର ଜେନା, ବିପିନ ବିହାରୀ ଜେନା, ଶିଶିର ଜେନା, ଚନ୍ଦ୍ରମୋହନ ହେମ୍ବ୍ରମ, ନଗେନ୍ଦ୍ର ଜେନା, ଗୋବିନ୍ଦ ହେମ୍ବ୍ରମ, ରଞ୍ଜନ ଦଲାଇ, ପଞ୍ଚାନନ ନାଥ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ସମାଜ କଲ୍ୟାଣ ବିକାଶର ଜରୁରୀ ବୈଠକ

ଜଳେଶ୍ୱର ବ୍ଲକ, ୨୮।୧୨ (ସମିସ) : ସାମାଜିକ ସଙ୍ଗଠନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଆଜି ଜଳେଶ୍ୱର ଭଞ୍ଜ ଭବନ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରତିଷ୍ଠାତାର ମୁଖ୍ୟ ପୁରୋଧା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ସହିତ ସିଦ୍ଧେଶ୍ୱର କୁମାର ଚାନ୍ଦ, ବନମାଳୀ ଧଳ, ସଂଗ୍ରାମ ପରିଡ଼ା, ସତ୍ୟ ନାରାୟଣ ଦାସ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥତ ରହି ଜଳେଶ୍ୱର ଅଞ୍ଚଳର ମୁଖ୍ୟ ସମସ୍ୟାକୁ କିପରି ସରକାରୀ ସ୍ତରରେ ଉପସ୍ଥାପନ କରି ସମାଧାନ କରାଯିବା ସହିତ ଜଳେଶ୍ୱରକୁ ଜିଲ୍ଲାର ମାନ୍ୟତା ମିଳି ପାରିବ, ଜଳେଶ୍ୱରରେ ନିଶା ଓ ଆଇନ୍



ପଣ୍ଡା, ମୁରଲୀ ମୋହନ ପ୍ରଧାନ, ଆଦିତ୍ୟ ନାରାୟଣ ପାତ୍ର, ବିପିନ ବିହାରୀ ବିଶ୍ୱାଳ, ବିଷ୍ଣୁପଦ ମହାନ୍ତି, ସତ୍ୟ ସୁନ୍ଦର ଦାସ, ଡ. ଅକ୍ଷୟ ପରିଡ଼ା, ଡ. ଅଜିତ୍ ମହାନ୍ତି, ଅବନୀ ବ୍ୟବସ୍ଥାର ସୁଧାର ସାଙ୍ଗକୁ ଜଳେଶ୍ୱର ଗୌରବଗରିମାକୁ ବଜାଇରଖାଯାଇ ପାରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

# ମହମ୍ମଦପୁର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ସିମୁଳିଆ, ୨୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଆନନ୍ଦପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ପୂର୍ବାହ୍ନରେ ସଭାକାର୍ଯ୍ୟ ପରେ ଅପରାହ୍ନରେ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଡ. ରାଧାକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କବି ବ୍ରଜ ବିହାରୀ ସୁବୁଦ୍ଧି, ଅନ୍ୟତମ ବ୍ୟଙ୍ଗକବି ଡ. କୁଳାଙ୍ଗର, କବି ଜ୍ଞାନ ହୋତା, କବି ସତ୍ୟାନାସ, କବି ରବୀନ୍ଦ୍ର ରାଉତ, ଗଣେଶ ତ୍ରିପାଠୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରଫେସର ବିନାୟକ ରଥ, ମୁଖ୍ୟବକ୍ତା ପ୍ରଫେସର ନଟବର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିତେନ୍ଦ୍ର କୁମାର ରାଉତ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅନନ୍ତପୁର-କୁପାରୀ ଓ ଡୁଙ୍ଗୁରା-କଇଥଗାଡ଼ିଆ ରାସ୍ତାର ଶିଳାନ୍ୟାସ

ଖଇରା,୨୮।୧୨ (ସମିସ): ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ସଂଯୋଗ କରୁଥିବା ବହୁ ପ୍ରତିକ୍ଷିତ ଅନନ୍ତପୁର-ସୋର-କୁପାରୀ ୪୦ କିମି ରାସ୍ତାର ଭୂମିପୂଜା ରାଜ୍ୟ ପୂର୍ତ୍ତ, ଆଇନ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଜନକଲ୍ୟାଣ ପରିଷଦର ସଭାପତି ବିଷ୍ଣୁମୋହନ ସାହୁଙ୍କ ପୌରହିତ୍ୟରେ ଅୟୋଜିତ ସଭାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ୧୪ କୋଟି ଟଙ୍କା ବ୍ୟୟରେ ଉକ୍ତ ରାସ୍ତାର ଏବେ ଉନ୍ନତିକରଣ କରାଯାଉଛି। ଆଗକୁ ଏହି ୪ଲେନ ବିଶିଷ୍ଟ କରାଯିବା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ବିଶିଷ୍ଟ ଆଇନଜୀବୀ ହରେକୃଷ୍ଣ ଦାଶ, ଡଗରପଡା ସମିତି ସଭ୍ୟ ବିମ୍ବାଧର ଦଳେଇ, ବିଜେପି ଜିଲ୍ଲା ସମ୍ପାଦକ ଅଂଶୁମାଧବ ପଣ୍ଡା, ଅଚତପୁର ସରପଞ୍ଚ ଅହଲ୍ୟା ପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଜନ କଲ୍ୟାଣ ପରିଷଦ ସମ୍ପାଦକ ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ମନ୍ତ୍ରୀ ଶହୀଦ ରଘୁ,କେଲୁ ଓ ମକରଙ୍କ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସେହିଭଳି ସନ୍ଧ୍ୟାରେ ଡୁଙ୍ଗୁରା-କଇଥଗାଡ଼ିଆ ଭାୟା ଆଳଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମଧ୍ୟ ଭୂମିପୂଜା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଯୁବନେତା ନୀଳମାଧବ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଯୁବ ସଂଗଠକ ଦୋଳଗୋବିନ୍ଦ ମହାରଥା, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।



# ୯୭ ବ୍ୟାଚ୍ ବନ୍ଧୁ ସମାବେଶ



ଜଳେଶ୍ୱର, ୨୮।୧୨(ସମିସ): ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୭ ବ୍ୟାଚ ବନ୍ଧୁମିଳନ ଆଜି ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ପଦ ପଣ୍ଡା, ଶ୍ରୀକାନ୍ତ ପରିଡା, ରବି ନାରାୟଣ ଦାଶ, ଚନ୍ଦ୍ରଶେଖର ଚନ୍ଦ, ଶାନ୍ତନୁ ସେନ, ଶିକ୍ଷକ ରମାକାନ୍ତ ପ୍ରଧାନ, ସଞ୍ଜୟ ଦାଶ, ପଶୁପତି ପାତ୍ର, ପ୍ରଣାକୃଷ୍ଣ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଖିଳ ପରିଡା ପ୍ରମୁଖ ମଞ୍ଚାସିନ ହୋଇ ବଂଧୁମିଳନ ଦ୍ୱାରା ବିଗତ ଦିନର ସ୍ମୃତିଚାରଣ କରିବାର ସୁଯୋଗ ମିଳିଥାଏ ବୋଲି କହିଥିଲେ।ଏହି ଅବସରରେ ଉପସ୍ଥିତ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିବା ବେଳେ ଦିବଂଗତ ଶିକ୍ଷକ ସୁରେନ୍ଦ୍ର କର, କମଳାକାନ୍ତ ଦାଶ ଓ କର୍ମଚାରୀ ଚନ୍ଦ୍ରଶେଖର ସାମଲଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ପ୍ରାକ୍ତନ ଛାତ୍ର ସଂଜିତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୭ ବ୍ୟାଚ୍ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଭୋଗରାଇ, ୨୮।୧୨ (ସମିସ): ଭୋଗରାଇ ବ୍ଲକ ଅନଲିଆ ପଞ୍ଚାୟତ ମାନକୁଣ୍ଡା ସୀମାନ୍ତ ୟଙ୍ଗ ଷ୍ଟାର କ୍ଲବ ପରିଚାଳନାରେ ଅନୁଷ୍ଠିତ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୧୫ ଦିନ ଧରି ଅନୁଷ୍ଠିତ ହୋଇଥିଲା ବେଳେ ୧୬ଟି ଦଳ ସେଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ସଂଯୁକ୍ତା ଏକାଦଶ କ୍ରିକେଟ ଟିମ ଜଳେଶ୍ୱରପୁର ଓ ଆଦର୍ଶ ଏକାଦଶ କ୍ରିକେଟ ଟିମ ହଡ଼କି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସେଥିରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ସଂଯୁକ୍ତା ଏକାଦଶ କ୍ରିକେଟ ଟିମ ଜଳେଶ୍ୱରପୁର ଫାଇନାଲ ଟ୍ରଫି ହାସଲ କରିଥିଲେ। ଖେଳ ପରିଚାଳନାରେ ଅସୀତ ପ୍ରଧାନ, ଦିଲ୍ଲୀପ ପ୍ରଧାନ, ଗୌତମ ମଣ୍ଡଳ, ଦୀପକ ସେଠୀ ସହଯୋଗ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ ତଥାଗତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କମର୍ଦ୍ଦା ମହାବିଦ୍ୟାଳୟ ଅଧ୍ୟାପକ ବଂଶୀଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ୩୩ ନଂ ଜୋନ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥିଭାବେ ଅନଲିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାନ୍ତି, ସମିତି ସଦସ୍ୟା ପ୍ରତିନିଧି ଘନଶ୍ୟାମ ପାଢ଼ୀ, ସମାଜସେବୀ ତପନ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସଭାପତି ବିଜୟ କୁମାର ଦାନୀ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଦସ୍ୟ ଗୌରହରି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଫାଇନାଲ ଟ୍ରଫି ହାସଲ କରିଥିବା ସଂଯୁକ୍ତା ଏକାଦଶ କ୍ରିକେଟ ଟିମ ଜଳେଶ୍ୱରପୁରକୁ ଟ୍ରଫି ସହିତ ୧୨ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ବେଳେ ରନର୍ସ ଅପ ଆଦର୍ଶ ଏକାଦଶ କ୍ରିକେଟ ଟିମ ହଡ଼କି ଦଳକୁ ଟ୍ରଫି ସହିତ ୭ ହଜାର ଟଙ୍କାର ଚେକ୍ ଦିଆଯାଇଥିଲା। କମିଟିର ସଦସ୍ୟ ତାପସ ମଣ୍ଡଳ, ଦେବବ୍ରତ ମଣ୍ଡଳ, ମିଲନ କର, ନିତାଇ ବେହେରା, ହେମନ୍ତ ପ୍ରମାଣିକ, ହିମାଂଶୁ ସିଂ, ରାମଚନ୍ଦ୍ର ପ୍ରମାଣିକ, ଅନନ୍ତ ପ୍ରମାଣିକ, ଗୌତମ ସିଂ, ଉତ୍ତମ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚାଣକ୍ୟ ଶିକ୍ଷାଦାନ କେନ୍ଦ୍ରରେ ବାର୍ଷିକ ଉତ୍ସବ

କାଳିପଦା, ୨୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ଗ୍ରାମ ପଞ୍ଚାୟତର ସାଉଡିଚକ ଘାଟ ନିକଟରେ ବର୍ଷିକ ଉତ୍ସବ ପାଳନ ଅବସରରେ ନାଚ ଗୀତ ଓ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଚାଣକ୍ୟ ଶିକ୍ଷାଦାନ କେନ୍ଦ୍ର ସାଉଡି ଚକ ମନିଷାଛକଠାରେ ପ୍ରତିଷ୍ଠାତା ସୁଦୀପ୍ତ ମଣ୍ଡଳ, ଚେୟାରମେନ ଭରତ ପୃଷ୍ଟି, ଭାଇସ ଚେୟାରମେନ ଅନୁକୂଳ ମହାନ୍ତି, ଶିକ୍ଷକ ଦୀପକ ରାଉତ, ଧର୍ମେନ୍ଦ୍ର ପାତ୍ର, ଗୋବିନ୍ଦ ସେଠୀ, ରାକେଶ ଖଣ୍ଡା, ଅଞ୍ଜଳି ମଣ୍ଡଳ, ଲକ୍ଷ୍ମୀପ୍ରିୟା ମଣ୍ଡଳ, ସସ୍ମିତା ମଣ୍ଡଳ ଓ ସମସ୍ତ ୟୁସି ମେମ୍ବର ଉତ୍ସବରେ ଯୋଗଦାନ କରିଥିଲେ। ଆଜକୁ ୫ ବର୍ଷ ତଳେ ୨୦୨୦ ମସିହାରେ ସୁଦୀପ୍ତ ମଣ୍ଡଳ ଶିକ୍ଷା କେନ୍ଦ୍ରକୁ ପ୍ରତିଷ୍ଠା କରିଥିବା ବେଳେ ସେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ଆଜି ଚାଣକ୍ୟ ଶିକ୍ଷାଦାନ କେନ୍ଦ୍ର ତାର ତୃତୀୟ ବାର୍ଷିକ ଉତ୍ସବ ପାଳନ କରୁଛି। ଏଥିରେ ପିଲାମାନେ ବକ୍ତୃତା, ଗୀତ, ନାଚ, ଡ୍ରଙ୍ଗ, ଫ୍ୟାସନ ଶୋ ଆଦିରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର

ସୋର,୨୮।୧୨(ସମିସ): ସୋର ବ୍ଲକ କେଶରୀପୁରସ୍ଥିତ ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଆଜି ଏକ ରାକ୍ତଦାନ ଶିବିର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ସୁବର୍ଣ୍ଣ ଜୟନ୍ତି କମିଟିର ସଭାପତି ପ୍ରିୟନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଶିବିର ବାବଦରେ ଆଲୋଚନା କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ସମ୍ପାଦକ କମଳାକାନ୍ତ ପଲେଇ, ସହ ସମ୍ପଦକ ନରେନ୍ଦ୍ର ସାମଲ, ରବିନ୍ଦ୍ର ନାୟକ, ଶ୍ୟାମସୁନ୍ଦର ପ୍ରଧାନ, ଗୋପିନାଥ ରାଉତ, ଶ୍ରୀଧର ମହାକୁଡ, ରଘୁନାଥ ମଲିକ, ରବିନ୍ଦ୍ର ସାହୁ,ମନୋଜ ରାଉତ ଓ ସମାଜସେବୀ ରାକେଶ ମଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ
ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମେମାନେ ସର୍ବଦା ମନେ ରଖିବୁ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# ନିଆଁରେ ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

ସୋର,୨୮।୧୨(ସମିସ): ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ଉଲ୍ଲାସଖଡ଼ଗପୁର ଗ୍ରାମରେ ନିଆଁରେ ପୋଡିହୋଇ ଗୁରୁତର ଥିବା ଜଣେ ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୁଳିସିଂ ପଞ୍ଚାୟତ ଉଲ୍ଲାସଖଡଗପୁର ଗ୍ରାମର ମାଳତୀ ବେହେରା(୪୮) ଗତ ନଭେମ୍ବର ୨୯ ତାରିଖ ରାତିରେ ଘରେ ଚୁଲିରେ ରୋଷେଇ କରୁଥିବାବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିବାରୁ ସେ ପୋଡିହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତ ୨୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି।

# ରାସ୍ତାକଡ଼ ହୋଟେଲରେ ଚାଲିଛି ଦେହ ବ୍ୟବସାୟ

ବାହାନଗା, ୨୮।୧୨ (ସମିସ)

ବାଲେଶ୍ୱର ଜିଲ୍ଲା ୧୬ ନଂ ଜାତୀୟ ରାଜପଥ ପାଶ୍ୱର୍ ହୋଟେଲ ପାଲଟିଛି ଦେହ ବ୍ୟବସାୟର ପେଣ୍ଠସ୍ଥଳୀ। ହୋଟେଲରେ ସ୍ଥାନୀୟ ଯୁବତୀଙ୍କ ଠାରୁ ବଙ୍ଗୀୟ ଯୁବତୀ କାୟା ମେଲାଇଥିବା ବେଳେ ଖନ୍ତାପଡା ପୁଲିସ ଏବଂ ଜିଲ୍ଲା ପୁଲିସର ସ୍ଥାଣୁତା ପଦାରେ ପଡିଛି। ଦେହ ବ୍ୟବସାୟ ନେଇ ଜଣାପଡ଼ିବା ପରେ "ସକାଳ' ପକ୍ଷରୁ ଆରମ୍ଭ ହୋଇଥିବା ଷ୍ଟିଙ୍ଗ ଅପରେସନ।

ଜାତୀୟ ରାଜପଥ କଡ଼ରେ ଗୋଟିଏ କି ଦୁଇଟି ନୁହଁ ଏକାଧିକ ହୋଟେଲରେ ଦେହଜୀବୀଙ୍କୁ ନେଇ ଚାଲିଛି ଖୁଲମଖୋଲା ଏହି ଦେହ ବ୍ୟବସାୟ। ନାଁ ଅଛି ପୁଲିସର ଭୟ, ନା ଆଇନ କାନୁନର ଭୟ , ଆଇନ କାନୁନକୁ ଦଳି ମକଚି ଏହି ଦେହ ବ୍ୟବସାୟ ଜାରି ରହିଛି। ଖବର ଅନୁସାରେ ଖନ୍ତାପଡା ଥାନା ଜାତୀୟ ରାଜପଥ ପାଶ୍ୱର୍ରେ ବିନା ଲଜିଂ ଲାଇସେନ୍ସରେ ଏକାଧିକ ହୋଟେଲ ଗଢି ଉଠିଛି। ଆଉ ଜାତୀୟ ରାଜପଥ ହୋଟେଲ ମାନଙ୍କରେ ଖୁଲମ ଖୋଲା ଦେହଜୀବୀଙ୍କୁ ରଖାଯାଇ ଦେହ ବ୍ୟବସାୟ କରୁଛନ୍ତି ହୋଟେଲ କର୍ତ୍ତୃପକ୍ଷ। ଆଉ ଦେହଜୀବୀଙ୍କ ସହ ରାତିକୁ ୪ ହଜାର ଟଙ୍କାରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରନ୍ତି ହୋଟେଲ କର୍ତ୍ତୃପକ୍ଷ। ଏମିତି ଏକ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଗଢି ଉଠିଥିବା କିଛି ହୋଟେଲ ମାନଙ୍କରେ। ଏହାରି ଭିତରେ ଖନ୍ତାପଡ଼ା ଥାନା ଅଧୀନରେ ରାସ୍ତା କଡ଼ରେ ବିଭିନ୍ନ ହୋଟେଲରେ ଯୁବତୀଙ୍କୁ ରଖାଯାଇ ଦେହ ବ୍ୟବସାୟ କରାଯାଉଛି। ହୋଟେଲ ଥାନା ଠାରୁ ମାତ୍ର ଦେଢ କିଲୋମିଟର ଦୂରରେ ଥିବା ବେଳେ ଖନ୍ତାପଡ଼ା ପୁଲିସ ଟେର ନ ପାଇବା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ହୋଟେଲ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଏହି ଦେହଜୀବୀମାନେ ବାଲେଶ୍ୱର, ଜଳେଶ୍ୱର, ଭଦ୍ରକ, ଯାଜପୁର ସହ ପଶ୍ଚିମବଙ୍ଗ ଅଞ୍ଚଳର। ଏଠାକୁ ଆସୁଥିବା ବେଳେ ଉଭୟ ବିବାହିତ ଏବଂ ଅବିବାହିତ ଦେହଜୀବୀଙ୍କ ସହ କିଛି କଲେଜ ପଢୁଥିବା ଛାତ୍ରୀ ମଧ୍ୟ ଅଛନ୍ତି। ଫଟୋ ଦେଖାଇ ପସନ୍ଦ କରିବା ପରେ ଘଣ୍ଟାଘଣ୍ଟା ପାଇଁ ବିକ୍ରି ହୁଅନ୍ତି ଦେହଜୀବୀ। ଦେହାଜୀବୀଙ୍କୁ ସ୍ୱଳ୍ପ ଟଙ୍କା ଦେଇ ମାଲେମାଲ ହେଉଛନ୍ତି ଦଲାଲ ଏବଂ ହୋଟେଲ ମାଲିକ। ବାଲେଶ୍ୱର ଜିଲ୍ଲା ପୁଲିସ ଏବଂ ଖନ୍ତାପଡ଼ା ଥାନା ପୁଲିସ ଏହା ଜାଣିଛି ନା ଜାଣିଶୁଣି ଭିତିରି ସମ୍ପର୍କରେ ଏଭଳି ଦେହ ବ୍ୟବସାୟ ଚାଲିଛି ତାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଜାତୀୟ ରାଜପଥ ପାଶ୍ୱର୍ରେ ବହୁ ହୋଟେଲରେ ବିନା ଲଜିଂ ଲାଇସେନ୍ସରେ ଲଜିଂ ଚଳାଇବା ସହ ସେଠାରେ ଦେହ ବ୍ୟବସାୟ ଚଳାଉଥିଲେ ବି ପ୍ରଶାସନ ସ୍ଥାଣୁ ପାଲଟିଛି। ଏ ନେଇ ଖନ୍ତାପଡ଼ା ଥାନା ଅଧିକାରିଣୀ ସୁବର୍ଣ୍ଣା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଥାନାରେ ଯୋଗଦେବା ପରେ ବିଭିନ୍ନ ହୋଟେଲକୁ ଯାଇ ଯାଞ୍ଚ କରିଛି। ବିଭିନ୍ନ ହୋଟେଲ ଉପରେ ଆମର ନଜର ରହିଛି ଏବଂ ନିୟମିତ ଯାଞ୍ଚ କରାଯିବ, ଯଦି ସେଭଳି କୌଣସି ହୋଟେଲରୁ ପ୍ରମାଣ ମିଳେ। ତେବେ ସମ୍ପୃକ୍ତ ହୋଟେଲ କର୍ତ୍ତୃପକ୍ଷଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଖନ୍ତାପଡ଼ା ପୁଲିସ ଜାଣି ଅଜଣା**
**କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠୁକୁଣ୍ଠୁ**

